**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ବୈଦେଶିକ ମୁଦ୍ରା ବିନିମୟ ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ ୪୦୦ ୦୦୧**

ନଭେମ୍ବର ୫,୨୦୦୨

ଏ.ପି.(ଡ଼ିଆଇଆର ସିରିଜ) ପରିପତ୍ର ନଂ ୪୦
**ବୈଦେଶିକ ମୁଦ୍ରାରେ ସମସ୍ତ କ୍ଷମତାପ୍ରାପ୍ତ ବିତରକ ଗଣ**

ମହାଶୟ/ମହାଶୟ

**ଅଣନିବାସୀ ଭାରତୀୟ/ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିମାନଙ୍କୁ ଆନ୍ତର୍ଜାତୀୟ କ୍ରେଡ଼ିଟ କାର୍ଡ ପ୍ରଦାନ**

ଆନ୍ତର୍ଜାତୀୟ କ୍ରେଡ଼ିଟ କାର୍ଡର ବ୍ୟବହାର ସମ୍ବନ୍ଧୀୟ ଏ.ପି (ଡ଼ିଆଇଆର ସିରିଜ) ପରିପତ୍ର ନଂ.୫୩,ଜୁନ୍ ୨୬, ୨୦୦୨କୁ କ୍ଷମତା ପ୍ରାପ୍ତ ବୈଦେଶିକ ମୁଦ୍ରା ବିତରକମାନଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

୨. ଏହା ସ୍ପଷ୍ଟ କରାଯାଉଛି ଯେ, କ୍ଷମତା ପ୍ରାପ୍ତ ବିରତକମାନେ ରିଜର୍ଭ ବ୍ୟାଙ୍କର ପୂର୍ବ ସମ୍ମତି ବିନା ଅଣନିବାସୀ ଭାରତୀୟ/ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିମାନଙ୍କୁ ଆନ୍ତର୍ଜାତୀୟ କ୍ରେଡ଼ିଟ୍ କାର୍ଡ ପ୍ରଦାନ କରିପାରନ୍ତି । କିନ୍ତୁ, ଆନ୍ତର୍ଜାତୀୟ କ୍ରେଡ଼ିଟ କାର୍ଡର ବ୍ୟବହାର ଉପରେ ପ୍ରଭାର ରାଶି ସଂପୃକ୍ତ ଅଣନିବାସୀ ଭାରତୀୟ/ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିମାନଙ୍କ ଦ୍ୱାରା ଅନ୍ତର୍ମୁଖୀ ପ୍ରେଷଣ ଅର୍ଥରାଶିରୁ ବା ସେମାନଙ୍କର ଅଣନିବାସୀ ବାହ୍ୟ ଟଙ୍କା ଖାତା/ବୈଦେଶିକ ମୁଦ୍ରା ଅଣ ନିବାସୀ ଖାତାରେ ଥିବା ଜମାରାଶିରୁ ପରିଶୋଧ ହେବା ଉଚିତ ।

୩. କ୍ଷମତାପ୍ରାପ୍ତ ବିରତକଗଣ ସେମାନଙ୍କର ସଂପୃକ୍ତ ସଂଗଠନମାନଙ୍କୁ ଏହି ପରିପତ୍ରର ବିଷୟ ବସ୍ତୁ ଅବଗତ କରାଇ ପାରନ୍ତି ।

୪. ଏହି ପରିପତ୍ରରେ ଥିବା ନିର୍ଦ୍ଦେଶନାମା ବୈଦେଶିକ ମୁଦ୍ରା ପରିଚାଳନା ଅଧିନୀୟମ, ୧୯୯୯(୧୯୯୯ର ୪୨)ର ଧାରା ୧୦(୪) ଓ ଧାରା୧୧(୧) ଅନୁଯାୟୀ ଜାରୀ କରାଯାଇଛି ।

ଆପଣଙ୍କର ବିଶ୍ୱସ୍ତ,
**ଗ୍ରେସ କୋଶୀ**
ମୁଖ୍ୟ ମହାପ୍ରବନ୍ଧକ